# ଗ୍ରାମୀଣ କୃଷି ମୌସମ ସେବା
# ଭାରତ ପାଣିପାଗ ବିଭାଗ
# ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
# ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର,ଚିପିଲିମା

ସଂଖ୍ୟା – ୦୮ (ଓଡ଼ିଆ ବୁଲେଟିନ୍) ସପ୍ତାହ – ୦୪ ତାରିଖ: ୨୭.୦୧.୨୦୨୬

## ଜିଲ୍ଲା – ବରଗଡ଼

### ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ

| ପାଣିପାଗ କାରକ | ୨୮-୦୧-୨୦୨୬ | ୨୯-୦୧-୨୦୨୬ | ୩୦-୦୧-୨୦୨୬ | ୩୧-୦୧-୨୦୨୬ | ୦୧-୦୨-୨୦୨୬ |
|---|---|---|---|---|---|
| ବୃଷ୍ଟିପାତ (ମିଲି ମିଟର) | 0 | 0 | 0 | 0 | 0 |
| ସର୍ବାଧିକ ତାପମାତ୍ରା (º ସେଣ୍ଟିଗ୍ରେଡ) | 30 | 31 | 31 | 31 | 30 |
| ସର୍ବନିମ୍ନ ତାପମାତ୍ରା (º ସେଣ୍ଟିଗ୍ରେଡ) | 14 | 14 | 15 | 15 | 15 |
| ମେଘ ଆବରଣ(ଓକଟା) | 1 | 2 | 1 | 1 | 0 |
| ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 64 | 63 | 66 | 64 | 61 |
| ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 24 | 24 | 28 | 25 | 22 |
| ପବନର ବେଗ (କିମି/ଘଣ୍ଟା ପ୍ରତି) | 5 | 3 | 7 | 7 | 5 |
| ପବନର ଦିଗ (ଡିଗ୍ରୀ) | 45 | 96 | 18 | 18 | 45 |

ଅଧିକ ଜାଣିବା ପାଇଁ, ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱର, ଟେଲିଫୋନ# ୦୬୭୪-୨୫୯୬୧୧୬ରେ ଯୋଗାଯୋଗ କରନ୍ତୁ

## ପାଣିପାଗ ସାରାଂଶ/ସତର୍କ ସୂଚନା :

ଭାରତ ପାଣିପାଗ ବିଜ୍ଞାନ ବିଭାଗ, ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରର ମଧ୍ୟମ ଅବଧି ପୂର୍ବାନୁମାନ ଅନୁଯାୟୀ, ଆଗାମୀ ସପ୍ତାହରେ ବର୍ଷା ହେବାର ସମ୍ଭାବନା ନାହିଁ ଏବଂ ଏହି ସମୟ ଅବଧିରେ ଆକାଶ ସଫା ରୁ ଆଂଶିକ ସଫା ରହିପାରେ । ଆସନ୍ତା ସପ୍ତାହରେ ଉଭୟ ସର୍ବାଧିକ (ଦିନର) ଓ ସର୍ବନିମ୍ନ ତାପମାତ୍ରାରେ ବିଶେଷ କିଛି ପରିବର୍ତ୍ତନର ସମ୍ଭାବନା ନାହିଁ । ଆସନ୍ତା ୫ ଦିନ ମଧ୍ୟରେ ଆର୍ଦ୍ରତାର ସ୍ଥିତି ମଧ୍ୟମ ରହିବା ସହିତ ୩ ରୁ ୭ କି.ମି. ପ୍ରତି ଘଣ୍ଟା ବେଗରେ ଉତ୍ତର-ପୂର୍ବ ଓ ଦକ୍ଷିଣ-ପୂର୍ବ ଦିଗରୁ ପବନ ବହିବାର ସମ୍ଭାବନା ବନିପାରେ ।

### ସାଧାରଣ ଉପଦେଶ

- ଆଗାମୀ ଦିନରେ ସଫା ଓ ଶୁଷ୍କ ପାଗର ସ୍ଥିତିକୁ ଦୃଷ୍ଟିରେ ରଖି, ଚାଷୀମାନଙ୍କୁ ସେମାନଙ୍କର ପରିପକ୍ୱ ଫସଲ ଅମଳ କରିବାକୁ ଏବଂ ସଂରକ୍ଷଣ କରିବା ପୂର୍ବରୁ ଏହାକୁ ଭଲ ଭାବରେ ଖରାରେ ଶୁଖାଇବାକୁ ପରାମର୍ଶ ଦିଆଯାଇଅଛି ।
- ଆସନ୍ତା ସପ୍ତାହରେ ସର୍ବନିମ୍ନ ତାପମାତ୍ରାରେ ସାମାନ୍ୟ ବୃଦ୍ଧି ଦେଖାଯାଇପାରେ, ତେଣୁ ଚାଷୀମାନଙ୍କୁ ଉପଯୁକ୍ତ ଅଙ୍କୁରୀକରଣ ପାଇଁ ଏହି ସମୟ ମଧ୍ୟରେ ପନିପରିବା ବିହନ ବୁଣିବାକୁ ପରାମର୍ଶ ଦିଆଯାଉଛି ।
- ଆଗକୁ ବର୍ଷା ହେବାର ସମ୍ଭାବନା କମ ଥିବାରୁ ଚାଷୀଭାଇମାନଙ୍କୁ ଠିଆ ଫସଲ କ୍ଷେତରେ ଗୋଟିଏ ଜଳସେଚନ ଯୋଗାଇବାର ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଇଅଛି ।
- ଫଳ ଏବଂ ପନିପରିବା ଫସଲରେ ଅଧିକ ପାଣି ଦେବାରୁ ଦୂରେଇ ରୁହନ୍ତୁ କାରଣ ଏହାଦ୍ୱାରା ଫୁଲ ଅବସ୍ଥାରେ ଥିବା ଗଛଗୁଡ଼ିକରେ ଫୁଲ ଝଡ଼ିପାରେ ।

### ସଂକ୍ଷିପ୍ତ ଉପଦେଶ

- ହପର ପୋକର ଆକ୍ରମଣ ବିରୁଦ୍ଧରେ ଆମ୍ବ ଗଛର ନିୟମିତ ତଦାରଖ କରିବାକୁ ପରାମର୍ଶ ଦିଆଯାଇଅଛି ।

### ପାଣିପାଗ ଭିତ୍ତିକ କୃଷିଏବଂ ପଶୁପାଳନ ଉପଦେଶ

| ଫସଲର ନାମ | ଫସଲ ଅବସ୍ଥା | କୃଷି ଏବଂ ପଶୁପାଳନ ପାଇଁ ପାଣିପାଗ ଭିତ୍ତିକ ପରାମର୍ଶ |
|---|---|---|
| ଡାଲୁଅ ଧାନ | ନର୍ସରୀରେ ଘାସ ପରିଚାଳନା | • ନର୍ସରୀରେ ଘାସ ନିୟନ୍ତ୍ରଣ କରିବା ପାଇଁ, ବୁଣିବାର ୩ ରୁ ୫ ଦିନ ପରେ ୮୦ ଗ୍ରାମ୍ ପାଇରାଜୋସଲଫ୍ୟୁରନ୍-ଇଥାଇଲ୍ ୧୦% ଡବ୍ଲୁ.ପି. କିମ୍ବା ବୁଣିବାର ୧୦ ରୁ ୧୨ ଦିନ ପରେ (କିମ୍ବା ଘାସର ୨ ରୁ ୩ ପତ୍ର ପର୍ଯ୍ୟାୟରେ) ୧୨୦ ମିଲି ବିସପିରିବ୍ୟାକ୍ ସୋଡିୟମ୍ ପ୍ରତି ଏକରକୁ ୧୨୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |

| | | |
|---|---|---|
| ସୋରିଷ | ପରିପକ୍ୱ ଅବସ୍ଥା ଓ ଅମଳ | • ସୋରିଷ ଫସଲରେ ଯେତେବେଳେ ଅଧିକାଂଶ ଫଳ (ପ୍ରାୟ ୭୫ ପ୍ରତିଶତ) ହଳଦିଆ ପଡ଼ିଯାଏ ଏବଂ ବିହନ ଟାଣ ହୋଇଯାଏ ସେତେବେଳେ ଫସଲକୁ ଅମଳ କରିନେବା ଉଚିତ । ଯେହେତୁ ଆଗକୁ ପାଗ ଶୁଷ୍କ ରହିବାର ସମ୍ଭାବନା ଅଛି ତେଣୁ ଚାଷୀମାନେ ପରିପକ୍ୱ ଫସଲର ଅମଳ କାର୍ଯ୍ୟ ଏହି ସମୟ ଅବଧିରେ କରିନିଅନ୍ତୁ । ପବନ କିମ୍ବା ଅଧିକ ଖରା ଯୋଗୁଁ ବିହନ ଭାଙ୍ଗିଯିବାର ସମ୍ଭାବନା ରହିଥାଏ ତେଣୁ ବିହନ ନଷ୍ଟ ହେବା ହ୍ରାସ କରିବା ପାଇଁ ସକାଳ ସମୟରେ ଗଛଗୁଡ଼ିକୁ କାଟି ଦିଅନ୍ତୁ ଏବଂ କଟା ଫସଲକୁ ଖଳାରେ ୭ ରୁ ୧୦ ଦିନ ପାଇଁ ଭଲ ଭାବରେ ଶୁଖିବା ପାଇଁ ଗଦା କରନ୍ତୁ । ଠିକ୍ ଭାବରେ ଶୁଖିବା ପରେ, ଗଛରୁ ବିହନ ଅଲଗା କରିବା ପାଇଁ ଶୁଖିଲା ଫସଲକୁ ଝାଡ଼ି ଦିଅନ୍ତୁ । |
| ଆମ୍ବ | ବଉଳ ବାହାରିବା ଅବସ୍ଥା | • ଏହି ପର୍ଯ୍ୟାୟରେ ଅଧିକ ପାଣି ଦେବାରୁ ବଞ୍ଚନ୍ତୁ କାରଣ ଏହା ଯୋଗୁଁ ଫୁଲ ଝଡ଼ିପାରେ କିମ୍ବା ଅତ୍ୟଧିକ ବନସ୍ପତି ବୃଦ୍ଧି ହୋଇପାରେ (ଫୁଲ ଫୁଟିବା ଜାଗାରେ ପତ୍ର ବାହାରିପାରେ)।<br>• ଗଛକୁ ହପର ପୋକର ଆକ୍ରମଣ ବିରୁଦ୍ଧରେ ନିରୀକ୍ଷଣ କରନ୍ତୁ ।<br>• ଆମ୍ବ ଗଛରେ କବକଜନିତ ରୋଗର ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ 2 ଗ୍ରାମ୍ ସଲଫର୍ ଗୁଣ୍ଡକୁ ମିଶାଇ ସିଞ୍ଚନ କରିବାକୁ ପରାମର୍ଶ ଦିଆଯାଇଅଛି । |
| କୋବି ଜାତୀୟ ପନିପରିବା (ବନ୍ଧା କୋବି, ଫୁଲ କୋବି ଇତ୍ୟାଦି) | ଅଂଗିୟ ଅବସ୍ଥା/ ପରିପକ୍ୱ ଅବସ୍ଥା | • ଯଦି କୋବି ଗଛରେ ଠିକିରିଆ (Diamond back moth) ପୋକର ଆକ୍ରମଣ ଦେଖାଯାଏ ତେବେ ଏହାର ଦମନ ପାଇଁ ଆରମ୍ଭ ପର୍ଯ୍ୟାୟରେ ୫ ମି.ଲି. ନିମ୍ବ ତେଲକୁ ଗୋଟେ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ତଥାପି ବି ଯଦି ଆକ୍ରମଣ ଜାରି ରୁହେ ତେବେ ଏହି କୀଟକୁ ନିୟନ୍ତ୍ରଣ କରିବା ପାଇଁ ସ୍ପିନୋସାଡ୍ ୪୫% ଏସ୍.ସି. @ ୦.୪ ମିଲି କିମ୍ବା ରାଇନୋକ୍ସିପିର @ ୦.୩ ମିଲି କିମ୍ବା ଇମାମେକ୍ଟିନ୍ ବେଞ୍ଜୋଏଟ୍ @ ୦.୪ ଗ୍ରାମ ପ୍ରତି ଲିଟର ପାଣିରେ ବ୍ୟବହାର କରିପାରିବେ । |
| ଲଙ୍କା | ଅଂଗିୟ ଅବସ୍ଥା/ ଫୁଲ ଓ ଫଳ ଅବସ୍ଥା | • ଯଦି ଶୋଷକ କୀଟ ଆକ୍ରମଣ ଯୋଗୁଁ ପତ୍ର ମୋଡା ରୋଗ ଦେଖାଯାଏ, ତେବେ ଆକ୍ରମଣର ପ୍ରଥମ ପର୍ଯ୍ୟାୟରେ ଏକ ଲିଟର ପାଣିରେ ୫ ମିଲି ନିମ୍ବ ଆଧାରିତ କୀଟନାଶକ ମିଶ୍ରଣ କରି ସିଞ୍ଚନ କରନ୍ତୁ । ଯଦି ତଥାପି ମଧ୍ୟ ପ୍ରକୋପ ଲାଗି ରହେ, ତେବେ ୭ ରୁ ୧୦ ଦିନ ବ୍ୟବଧାନରେ ପ୍ରତି ଲିଟର ପାଣିରେ ସ୍ପିନୋସାଡ୍ ୪୫ % ଏସ୍.ସି. @ ୦.୪ ମିଲି କିମ୍ବା ଫିପ୍ରୋନିଲ୍ ୫ % ଏସ୍.ସି. @ ୨ ମିଲିକୁ ମିଶାଇ ସିଞ୍ଚନ କରନ୍ତୁ । |
| ଗୋରୁ ଗାଈ ଓ ମଇଁଷି | • ପଶୁମାନଙ୍କୁ ନିୟମିତ ଭାବରେ ଲୁଣ ସହିତ ଖଣିଜ ମିଶ୍ରଣ ପ୍ରଦାନ କରନ୍ତୁ ଏବଂ ଉଚ୍ଚମାନର ଚାରା ସହିତ ସନ୍ତୁଳିତ ଖାଦ୍ୟ ଯୋଗାଇବା ନିଶ୍ଚିତ କରନ୍ତୁ ।<br>• ପଶୁମାନଙ୍କୁ ପାଦ ଏବଂ ମୁହଁ ରୋଗ (ଏଫ୍.ଏମ୍.ଡି.), ଏଚ୍. ଏସ୍., ବି.କ୍ୟୁ. ଇତ୍ୟାଦି ରୋଗର ପ୍ରତିରୋଧୀ ଟୀକା ଦିଅନ୍ତୁ ଏବଂ ସଂକ୍ରମଣ ଏଡାଇବା ପାଇଁ ଗୁହାଳକୁ ସବୁବେଳେ ସଫା ଏବଂ ଶୁଖିଲା ରଖନ୍ତୁ । | |


| | |
|---|---|
| **Mrs. Jubuli Sahu**<br>**Junior Agrometeorologist,**<br>**AMFU, RRTTS, Chiplima** | **Dr. Sanjukta Mohapatra**<br>**ADR cum Nodal Officer**<br>**RRTTS, Chiplima** |



- କୃଷି ରେ ଉତ୍ତମ ଲାଭ ପାଇଁ, **OUAT KALINGA** ପ୍ରଡକ୍ଟସ (ବିହନ, ଚାରା ରୋପଣ ଓ କ୍ୟୁପିଏମ୍, ଟିସୁ କଲଚର ପ୍ଲାଣ୍ଟ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ମହୁମାଛି ଓ ସ୍କୋନ୍, ଜୈବ ସାର, ଜୈବ କୀଟନାଶକ, ଜିଆ ଏବଂ ଜିଆ ଖତ ଇତ୍ୟାଦି) ବ୍ୟବହାର କରନ୍ତୁ।
- ଭାରତ ପାଣିପାଗ ବିଭାଗର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ପାଇଁ ମେଘଦୂତ ମୋବାଇଲ ଆପ (https://play.gooogle.com/store/apps/details?id=com.aas.meghdoot) ତଥା ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ (https://play.google.com/store/apps/details?id=com.lightening.live.damini) ଓ ସ୍ଥାନ ନିର୍ଦ୍ଦିଷ୍ଟ ପୂର୍ବାନୁମାନ ଏବଂ ଚେତାବନୀ ପାଇଁ ମୌସମ ଆପର ବ୍ୟବହାର କରିପାରିବେ।